# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**20 April - 2026**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆଜି ପାଳନ କରାଯାଉଛି କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା
- ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟରେ ଓଡ଼ିଶା କୃଷି କ୍ଷେତ୍ରରେ ମଡେଲ ରାଜ୍ୟ ଭାବେ ବିକଶିତ ହେବ; କହିଲେ ମୁଖ୍ୟମନ୍ତ୍ରୀ

– ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସି.ଏମ୍. କିଶାନ ଯୋଜନାର ହିତାଧିକାରୀଙ୍କୁ ୮୩୮ କୋଟି ଟଙ୍କାର ଅର୍ଥରାଶି କଲେ ବଣ୍ଟନ

- ରାଜ୍ୟରେ ୯ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଭୋଟର' ତାଲିକାରୁ ବାଦ ପଡ଼ିଥିବା ନେଇ ଗୃହ ବିଭାଗର ସୂଚନା

ଏବଂ

- ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜିଠାରୁ ରଥ କାଠ ଅନୁକୂଳ ସହ ଆରମ୍ଭ ହେବ ଚନ୍ଦନ ଯାତ୍ରା

Desk

## ଅକ୍ଷୟ ତୃତୀୟା

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷୟ ତୃତୀୟା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଆଜିର ଦିନରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ। ଅନ୍ନଦାତା ଅକ୍ଷି ମୁଠି ଅନୁକୂଳ କରି କ୍ଷେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଅକ୍ଷୟ ତୃତୀୟାର ଶୁଭକାମନା ଜଣାଇଛନ୍ତି।

Desk

## ମୁଖ୍ୟମନ୍ତ୍ରୀ– କୃଷକ ଦିବସ

ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟରେ ଓଡ଼ିଶା କୃଷି କ୍ଷେତ୍ରରେ ଏକ ମଡେଲ ରାଜ୍ୟଭାବେ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକ ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସି.ଏମ୍. କିଶାନ ଯୋଜନାରେ ୪୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୮୩୮ କୋଟି ୪୮ ଲକ୍ଷ ଟଙ୍କାର ପ୍ରତ୍ୟକ୍ଷ ହସ୍ତାନ୍ତର ମାଧ୍ୟମରେ ସହାୟତା ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାମାଜିକ ଓ ଆର୍ଥିକ ପ୍ରଗତିରେ କୃଷକ ପରିବାରର ଅବଦାନ ଗୁରୁତ୍ୱପୂର୍ଣ୍ଣ। କୃଷି ହେଉଛି ଆମ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ପରମ୍ପରାର ଅଭିନ୍ନ ଅଙ୍ଗ। କୃଷିର ଉନ୍ନତିରେ ଓଡ଼ିଶାର ସାମଗ୍ରୀକ ଉନ୍ନତି ସମ୍ଭବ ହେବ। ୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ସରକାର ବୈଜ୍ଞାନିକ ପଦ୍ଧତିରେ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ଫସଲ ବିବିଧିକରଣ ମାଧ୍ୟମରେ ଚାଷୀ ଭାଇଭଉଣୀଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଆଗାମୀ ଦଶନ୍ଧି ହେଉଛି, ସଂକଳ୍ପର ଦଶନ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୨୨ ମାସ ମଧ୍ୟରେ କୃଷି ଅଭିବୃଦ୍ଧି ହାର ୫ ଦଶମିକ ୩

ପ୍ରତିଶତରେ ପହଁଞ୍ଚିଛି, ଯାହା ଜାତୀୟ ହାର ୪ ଦଶମିକ ୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ଏହା ସରକାରଙ୍କ ସଠିକ୍ ନୀତି ଓ ଚାଷୀକୂଳର ଉନ୍ନତି ମନୋଭାବକୁ ପ୍ରଦର୍ଶନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ଖାଦ୍ୟଶସ୍ୟ ଉତ୍ପାଦନ କରି ସରକାର ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ଚାଷୀକୂଳକୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ନିଜସ୍ୱ ସମ୍ବଳରେ ସି.ଏମ୍. କିଶାନ ଭଳି କୃଷକ କଲ୍ୟାଣକାରୀ ଯୋଜନା ଲାଗୁ କରାଯାଇଛି। କୃଷକଙ୍କୁ ରାଜ୍ୟର ପ୍ରଗତିରେ ସାମିଲ କରିବା ଏହାର ମୂଳଲକ୍ଷ୍ୟ। ଯୋଜନାରେ ରାଜ୍ୟର ୯୨ ପ୍ରତିଶତ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ପରିବାର ଅନ୍ତର୍ଭୁକ୍ତ କରାଯାଇଛି। ପୁରୁଣା, ନୂଆ ଜ୍ଞାନକୁ ଆପଣାଇ ଚାଷ କରିବାକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O –**

Nuapada/Boudh/Subarnpur/BHK/Nayagarh/Nabarangpur

## ଜିଲ୍ଲା- କୃଷକ ଦିବସ

ପବିତ୍ର ଅକ୍ଷୟ ତୃତୀୟାରେ ନବରଙ୍ଗପୁରଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପାଳିତ ହେଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରମ୍ପରା ଅନୁଯାୟୀ ଭୂମି ପୂଜନ ସହ ଅକ୍ଷୀ ମୁଠି ଅନୁକୂଳ

କରିଥିଲେ। ମିଶନ ଶକ୍ତି ଭବନଠାରେ ସି.ଏମ୍. କିଶାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ମଧ୍ଯ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗ ଦେଇଥିଲେ। ଜିଲ୍ଲାର ୧ ଲକ୍ଷ ୩୦ ହଜାର ୪୦୨ ଜଣ ଚାଷୀ ସି.ଏମ୍. କିଶାନ ଯୋଜନାରେ ଉପକୃତ ହୋଇଛନ୍ତି।

ନୟାଗଡ଼ ଜିଲ୍ଲା ଡାଲି ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଅକ୍ଷୀ ମୁଠି ଅନୁକୂଳ କରିବା ସହିତ ହଳ କରିଛନ୍ତି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସି.ଏମ୍. କିଶାନ ଯୋଜନାରେ ଜିଲ୍ଲାର ୧ ଲକ୍ଷ ୬୧ ହଜାର ୨୭୦ ଜଣ ପଞ୍ଜୀକୃତ ଚାଷୀ ଲାଭାନ୍ୱିତ ହୋଇଛନ୍ତି।

ଭଦ୍ରକ ଜିଲ୍ଲା କୃଷି ବିଭାଗ ପକ୍ଷରୁ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ଅଶୋକ ଦାସ ପ୍ରମୁଖ ଯୋଗଦେଇ ଅକ୍ଷୀମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ଜିଲ୍ଲାରେ ୨ ଲକ୍ଷ ୧୩ ହଜାର ୭୭୫ ନାମମାତ୍ର ଚାଷୀଙ୍କୁ ୪୨ କୋଟି ୭୫ ଲକ୍ଷ ୬୦ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି।

ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବେଲଟୁକୁରି ଗ୍ରାମରେ କୃଷକ ମୋର୍ଚ୍ଚା ସଭାପତି ରତନ ଚନ୍ଦ୍ରକାର୍ ଯୋଗଦେଇ ଅକ୍ଷୀ ମୁଠି ଅନୁକୂଳ କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ଅକ୍ଷୀ ମୁଠି ଅନୁକୂଳ କରିବା ସହିତ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଉପରେ ଆଲୋକପାତ କରିଛନ୍ତି ।

ବୌଦ୍ଧ ଜିଲ୍ଲା ପାଲଝରଠାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ଅକ୍ଷୀମୁଠି ଅନୁକୂଳ କରିଛନ୍ତି ।

Puri

## ଉପମୁଖ୍ୟମନ୍ତ୍ରୀ– କୃଷକ ଦିବସ

ପୁରୀ ଜିଲ୍ଲା ନିମାପଡ଼ାର ଓଳାଂଶଠାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଚଳିତ ଖରିଫ ଋତୁରେ ଭଲ ଫସଲ ଅମଳ ପାଇଁ ପୂଜାର୍ଚ୍ଚନା କରିଛନ୍ତି । ରାଜ୍ୟରେ କୃଷକଙ୍କ ସାମଗ୍ରୀକ ବିକାଶ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଆୟୋଜିତ ଏକ କୃଷକ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନା ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ।

HS

## ଭୋଟରଙ୍କ ଯାଞ୍ଚ ନିର୍ଦ୍ଦେଶ

ରାଜ୍ୟରେ ଜନଗଣନା କାର୍ଯ୍ୟକ୍ରମ ସୂଚାରୁରୂପେ ଜାରି ରହିଛି। ୯ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ  ତାଲିକାରୁ ବାଦ ପଡ଼ିଥିବା ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନେକ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାମ କଟାଯାଇଥିବା ଅଭିଯୋଗ ପରେ ପୁଣିଥରେ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ଇ.ଆର୍.ଓ.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦେହଜନକ, ନକଲି ତଥ୍ୟରେ ତ୍ରୁଟି ଥିଲେ ନୋଟିସ କରି ଯାଞ୍ଚ କରାଯିବ। ଫର୍ମ-୭ ଆବେଦନର ୫୦ ପ୍ରତିଶତ ମାମଲାରେ ବ୍ୟକ୍ତିଗତ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି।

Puri/BHK

# ରଥ ନିର୍ମାଣ କାର୍ଯ୍ୟ

ଅକ୍ଷୟ ତୃତୀୟା ଅବସରରେ ପୁରୀ ରଥଯାତ୍ରା ପାଇଁ ଆଜି ତିନି ରଥର ନିର୍ମାଣକାର୍ଯ୍ୟ ଆରମ୍ଭ ହେଉଛି । ଆଜିଠାରୁ ମଧ୍ଯ ୨୧ଦିନ ବ୍ୟାପୀ ଶ୍ରୀଜୀଉଙ୍କର ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀଠାରେ ଅନୁଷ୍ଠିତ ହେଉଛି । ପୁଷ୍କରିଣୀରେ ସୁସଜ୍ଜିତ ଚାପ ଡଙ୍ଗା ନନ୍ଦା ଓ ଭଦ୍ରାରେ ଠାକୁର ବିରାଜମାନ କରି ନୌକା ବିହାର କରିବେ ।ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି ।

ଭଦ୍ରକ ଜିଲ୍ଲା ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣୀଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ ହୋଇଛି ।

Boudh/Nabarangpur

## ଶ୍ରୀଜୟଦେବ ଜୟନ୍ତୀ

ଗୀତଗୋବିନ୍ଦର ଅମର ସ୍ରଷ୍ଟା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ଭକ୍ତ କବି ଜୟଦେବଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳିତ ହେଉଛି । ଶ୍ରୀ ଗୀତଗୋବିନ୍ଦର ଅମୃତମୟ ବାଣୀ ଓଡ଼ିଶାର ଆଧ୍ୟାତ୍ମିକତା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭକ୍ତି କବି ଜୟଦେବଙ୍କୁ ଜନ୍ମ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ କରି କହିଛନ୍ତି, ମହାକବିଙ୍କ କାଳଜୟୀ ସାହିତ୍ୟକୃତି ଆମ ଭାଷା, ସଂଗୀତ ଏବଂ ନୃତ୍ୟ ପରମ୍ପରାକୁ ସମୃଦ୍ଧ କରିବା ସହିତ ବିଶ୍ୱ ଦରବାରରେ ଓଡ଼ିଆ ଅସ୍ମିତାର ବୃଦ୍ଧି କରିଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ସାହିତ୍ୟ ଆଲୋଚନାଚକ୍ର ମାନ ଅନୁଷ୍ଠିତ ହେଉଛି ।

ନବରଙ୍ଗପୁର ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ  ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଶ୍ରୀ ଜୟଦେବଙ୍କ ସ୍ମୃତିଚାରଣ କରିଥିଲେ ।

ବୌଦ୍ଧ ଜିଲ୍ଲା ଟାଉନ ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ, ଦଶବତାର ଉପରେ ଆଲୋଚନା କରିଥିଲେ।

Kandhamal

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଫୁଲବାଣୀ ପୌରପରିଷଦରେ ୭୯ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ୨ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୧୨୦ ଦିନ ମଧ୍ୟରେ ଘର ନିର୍ମାଣ ଶେଷ ହେଲେ ୨୦ ହଜାର ଟଙ୍କା ଏବଂ ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେଲେ ୧୦ ହଜାର ଟଙ୍କା ବୋନସ  ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

Desk

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦିନିକିଆ ରାଉରକେଲା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ କାରକେଡ ରିହଲସଲ ସହିତ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ରାଉରକେଲା ବିମାନ ବନ୍ଦର ପଡ଼ିଆରେ କାର୍ଯ୍ୟକ୍ରମର ଆୟୋଜନ ନେଇ ସମସ୍ତ ବ୍ୟବସ୍ଥା ହୋଇଛି। ଗସ୍ତ କାଳରେ ରାଷ୍ଟ୍ରପତି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

Kandhamal

## ଠାକୁରାଣୀ ଯାତ୍ରା

ଫୁଲବାଣୀରେ ମା’ ନାରାୟଣୀ ଓ ପଞ୍ଚଦେବତୀଙ୍କ ଠାକୁରାଣୀ ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି। ପ୍ରତି ଦୁଇ ବର୍ଷରେ ଥରେ ଠାକୁରାଣୀ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଜିଲ୍ଲାପାଳ ବେଦ ଭୂଷଣ, ଆରକ୍ଷୀ ଅଧୀକ୍ଷକ ହରିସ ବିଶିଙ୍କ ସହ ଯାତ୍ରା କମିଟିର ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଠାକୁରାଣୀ ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ପାଇଁ ସହମତି ପ୍ରକାଶ କରିଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ମା’ଙ୍କର ଏହି ଯାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

HS

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ହିଟ୍‌ୱେଭ୍ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। କନ୍ଧମାଳ ଜିଲ୍ଲା ଆର.ଉଦୟଗିରିରେ ସର୍ବାଧିକ ୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।